# Akashvani, Sambalpur

## SAMBALPURI NEWS BULLETIN

### 26 January 2026 – 6.47- 6.52 am.

**********************************************

କର୍ତବ୍ୟ ପଥ - ଗଣତନ୍ତ୍ର ଦିବସ    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍ ଆଏଜ୍ ମନଉଛେ ୭୭ତମ  ସାଧାରଣତନ୍ତ୍ର  ଦିବସ । ୧୯୫୦ ମସିହା ଜାନୁଆରୀ ୨୬ ତାରିଖ୍ ଦିନ ଆମର୍ ସମ୍ବିଧାନ୍ କାର୍ଯ୍ୟକାରୀ ହେଇଥିଲା । ବହୁତ୍ ଲୁକ୍‌କର୍ ବହୁତ୍ ଦିନର୍ ମେହେନତ୍ ଉତ୍‌ରୁ ଦେଶ୍ ନିଜର୍ ସମ୍ବିଧାନ୍ ପାଇପାରିଥିଲା । ଗଣତନ୍ତ୍ର ଦିବସ୍ ଅବ୍‌ସରେ ଦେଶର ରାଜଧାନୀ ନୂଆଁଦିଲ୍ଲୀ ଆର୍ ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହେତେ ଗାଁନୁ ବଡ଼ ସହର୍ ତକ୍ ସବୁଆଡ଼୍ ଉତ୍ସବମୁଖର୍ ହେଇଯାଇଛେ ।

୭୭ ନମ୍ବର୍ ଗଣତନ୍ତ୍ର ଦିବସ୍ ଅବ୍‌ସରେ ଆଏଜ୍ ସଖାାଲର୍ ସାଢ଼େ ୧୦ ବଜେ ନୂଆଦିଲ୍ଲୀର୍ କର୍ତବ୍ୟ ପଥ ନ ଗଣତନ୍ତ୍ର ଦିବସ୍ ପରେଡ୍ ମୁଲ୍ ହେବା । ଇ ବଛର୍ ଗଣତନ୍ତ୍ର ଦିବସ୍‌ର ବିଷୟବସ୍ତୁ “ସ୍ୱତନ୍ତ୍ରତାକା ମନ୍ତ୍ର, ବନ୍ଦେ ମାତରମ୍ ଆଉ ସମୃଦ୍ଧି କା ମନ୍ତ୍ର ଆମନିର୍ଭର୍” ଭାରତ୍ ରଖାାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତବ୍ୟ ପଥ ନ ପୁହୁଁଚିବାର୍ ଉତ୍‌ରୁ ତାଙ୍କୁ ମାର୍ଚ୍ଚ ପାଷ୍ଟ୍ ଜରିଏ ସ୍ୱାଗତ୍ ସମ୍ବର୍ଦ୍ଧନା ଦିଆଯିବା । ଆଉ କିଛି

ସମିଆ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀ ଠାନେ ଶ୍ରଦ୍ଧାଞ୍ଜଲି ଜନାବାର୍ ଉତ୍‌ରୁ ଗଣତନ୍ତ୍ର ଦିବସ୍ ସମାରୋହ ମୁଲ୍ ହେବା ।   ଇ ବଛର୍ ପରେଡ୍‌ଥି ୟୁରୋପୀୟ ପରିଷଦ୍‌ର ଅଧ୍ୟକ୍ଷ ଏଂଟୋନିଓ କୋସ୍ତା ଆଉ ୟୁରୋପୀୟ କମିଶନ୍ ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରଣାଳୟର୍ ୩୦ ଟା ପ୍ରଜ୍ଞାପନ୍ ମେଢ଼ ପରେଡ୍‌ଥି ପ୍ରଦର୍ଶିତ ହେବା । ରାଷ୍ଟ୍ରୀୟ ଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତିର୍ ସ୍ୱତନ୍ତ୍ର ଗାନ ଆଉ ଭିନ୍ ଭିନ୍ କ୍ଷେତ୍ରଥି ଭାରତ୍‌ର ପ୍ରଗତି ବାବଦ୍ ଦୃଶ୍ୟ ଇ ପ୍ରଜ୍ଞାପନ୍ ମେଢ଼ ମାନ୍‌କେ ଠାନ୍ ପାଏବା । ଇ ବଛର୍ ସମାରୋହଥି ଓଡ଼ିଶାର୍ ପ୍ରଜ୍ଞାପନ ମେଢ଼ ଭିଲ୍ ସାମିଲ୍ ହେଇଛେ ।
କର୍ତବ୍ୟ ପଥନୁ ଗଣତନ୍ତ୍ର ଦିବସ୍ ସମାରୋହ ସିଧାପ୍ରସାରଣ ଆଏଜ୍ ସଖାଲ୍‌ର ୯ ବାଜିକରି ୨୫ ମି. ନୁ ଦୂରଦର୍ଶନ୍ ନେଟ୍‌ୱର୍କଥି ପ୍ରସାରଣ୍ କରାଯିବା ।

ବାର୍ତା            ଆର୍‌ଏନ୍‌ୟୁ/ ସମ୍ବଲପୁର

ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଇ ରାଷ୍ଟ୍ରୀୟ ମହାପର୍ବ

ଦେଶ୍‌ବାସୀଙ୍କର୍ ଜୀବନ୍‌ଥି ନୂଆଁ ଶକ୍ତି ଆଉ ଉସ୍ତାହ ସଂଚାର୍ କର୍‌ବାର୍ ସହେତେ ବିକଶିତ୍ ଭାରତ୍ ସଂକଳ୍ପକେ ଆହୁରି ବର୍‌କସ୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ଲେଖିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଶୁଭେଚ୍ଛା ଜନେଇକରି ଓଡ଼ିଶାକେ ଦେଶର୍ ଗୁଟେ ସମୃଦ୍ଧ, ଅଗ୍ରଣୀ ଆଉ ବିକଶିତ୍ ରାଜ୍ୟଥି ପରିଣତ୍ କର୍‌ବାର୍ ଲାଗି ଆଝିରର୍ ଦିନେ ରାଜ୍ୟବାସୀ ସଂକଳ୍ପ ନେବାର୍‌କେ ତାଙ୍କର୍ ବାର୍ତାଥି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଣତନ୍ତ୍ର ଦିବସ୍ ପାଲନ୍ ବାର୍ତାଥି କହିଛନ୍, ସମ୍ବିଧାନ୍‌ର ମୂଲ୍ୟବୋଧକେ ଆଧାର୍ କରିକରି ଦେଶର୍ ଶକ୍ତି, ସାମର୍ଥ୍ୟ ଆଉ ସମ୍ମାନ୍ ବଢ଼ାବାର୍ ସହେତେ ୨୦୩୬ ମସିହାତକ୍ ଓଡ଼ିଶାକେ ଗୁଟେ ସମୃଦ୍ଧ ରାଜ୍ୟ ଭାବେ ଗଢ଼୍‌ବାର୍ ଲାଗି ସଂକଳ୍ପବଦ୍ଧ ହେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ସାଧାରଣତନ୍ତ୍ର ଦିବସ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ୍ ସମାରୋହଥି ଆଉ କିଛି ସମିଆ ଉତ୍‌ରୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ନ

ସାଧାରଣତନ୍ତ୍ର ଦିବସ୍ ଉତ୍ସବ୍‌ଥି ପତାକା ଉତୋଲନ୍ କରିକରି ସମ୍ମିଲିତ୍ ପରେଡ୍ ନ ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ଆଏଜ୍ ସଖାଲର୍ ସାଢ଼େ ୭ ବଜେ ବିଧାନ୍‌ସଭା ପରିସର୍ ନ ବାଚସ୍ପତି ସୁରମା ପାଢ଼ୀ ଜାତୀୟ ପତାକା ଉତୋଲନ୍ କରିଛନ୍ । ସେନ୍ତା ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ବର୍‌ଗଡ୍, ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ସମ୍ବଲ୍‌ପୁର୍, ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କଲାହାଣ୍ଡି ଆଉ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ବୌଦ୍ଧ ନ ପତାକା ଉତୋଲନ୍ କର୍‌ବେ ।

ଆଦିବାସୀ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଦିବାସୀ ପଡ଼ିଆ ନ ଆଏଜ୍ ଆଦିବାସୀ ମେଳା ୨୦୨୬ ଉଦ୍‌ଘାଟିତ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଳାର୍ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍‌ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିଲ୍ ଉପସ୍ଥିତ୍ ରହେବେ । ଫେବୃଆରୀ ୫ ତାରିଖ୍‌ତକ୍ ହେବାର୍‌କେ ଥିବା ମେଳାଥି ୯୪ ଟା ଷ୍ଟଲ୍‌ଥି ଆଦିବାସୀମାନ୍‌କର୍ ତିଆର୍ ଦରବ୍ ପ୍ରଦର୍ଶନ୍ କରାଯିବା । ୧୫ ଟା ଷ୍ଟଲ୍‌ନ ଆଦିବାସୀ କଳାକୃତି ଆଉ

୧୦ ଟା ଷ୍ଟଲ୍ ନ ଆଦିବାସୀମାନ୍‌କର୍ ପାରମ୍ପାରିକ୍ ବାସସ୍ଥାନ୍‌ର ପ୍ରଦର୍ଶନ୍ କରାଯିବା ।

ପଂଚାୟତ୍ ନିର୍ବାଚନ୍       ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଧାରିଜ୍ ସମିଆଥି ପଂଚାୟତ୍ ନିର୍ବାଚନ୍ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ କମିଶନର୍ ମଧୁସୂଦନ୍ ପାଢ଼ୀ କହିଛନ୍ । ୫ ବଛର୍‌ର କାର୍ଯ୍ୟକାଳ ଶେଷ୍ ହେବାର୍ ଉତ୍‌ରୁ ନିର୍ବାଚନ୍ କରାଯିବା । ଇଥିର୍‌ଲାଗି ସବ୍‌ଡିଭିଜନ୍ ସ୍ତର୍ ନ ପ୍ରସ୍ତୁତି ମୁଲ୍ ହେବାର୍ ସହେତେ ସବୁ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ବୈଠକ୍ ହେଇଯାଇଛେ । ବୁଥ୍ ନିର୍ଦ୍ଧାରଣ୍ ଆଉ ବାଲାଟ୍ ବକ୍ସ ପ୍ରସ୍ତୁତି ସହେତେ ଆନୁସଙ୍ଗିକ୍ କାମ୍ ମୁଲ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ପଂଚାୟତ୍ ନିର୍ବାଚନ୍‌କେ ବହୁତ୍ କମ୍ ସମିଆ ବାକି ଥିବାର୍‌ନୁ ଉପ ନିର୍ବାଚନ୍ ଲାଗି ନିଷ୍ପତି ନାଇଁ ହେଇ ବଲି ଶ୍ରୀ ପାଢ଼ୀ କହିଛନ୍ ।

ହୀରାକୁଦ୍- ହାଫ୍ ମାରାଥନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରର୍ ବିଶ୍ୱପ୍ରସିଦ୍ଧ ହୀରାକୁଦ୍‌କେ ଅନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରଥି ଗୁଟେ ଖାସ୍ ପରିଚୟ ଦେବାର୍ ଲକ୍ଷ୍ୟଥି ଆଏବା

ଫେବୃଆରୀ ୧୫ ତାରିଖ୍ ଦିନ ହୀରାକୁଦ୍ ଅନ୍ତର୍ଜାତୀୟ ହାଫ୍ ମାରାଥନ୍ ଆୟୋଜନ୍ କରାଯିବା । ଇଥିର୍‌ଲାଗି ଗଲାକାଏଲ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଲୋଗୋ ଆଉ ଜର୍ସି ଉନ୍ମୋଚନ୍ କରିଛନ୍ । ଇ ମାରାଥନ୍ ଖାଲି ଗୁଟେ ଦୌଡ଼୍ ନୁହେଁ, ହୀରାକୁଦ୍‌କେ ବିଶ୍ୱ ଦର୍‌ବାର୍ ନ ପୁହୁଁଚାବାର୍‌ଲାଗି ଗୁଟେ ମାଧ୍ୟମ୍ ଆଏ ବଲି ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା ଆଉ ଯୁବ ବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ପଶ୍ଚିମାଂଚଳ ଆଇଜି ହିମାଂଶୁ ଲାଲ୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ ରୁ ୩ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ଭିତ୍‌ରିଆ ଇଲାକା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।